# Akashvani, Sambalpur

## SAMBALPURI NEWS BULLETIN

### 6 December 2024- 6.47- 6.52 am.

*********************************************

ରାଷ୍ଟ୍ରପତିଙ୍କର୍ ଗସ୍ତ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ସଖାଲେ ଭୁବ୍‌ନେଶ୍ୱର୍ ଏଜି ଛକ୍ ନ ଡକ୍ଟର୍ ବି.ଆର୍. ଆମ୍ବେଦକରଙ୍କର୍ ପ୍ରତିମୂର୍ତ୍ତିକେ ଉନ୍ମୋଚନ୍ କର୍‌ବେ । ତାର୍ ଉତ୍‌ରୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ମୟୁର୍‌ଭଞ୍ଜ୍ ଗସ୍ତ କର୍‌ବେ । ସଖାଲ୍‌ବେଲା କଲେଇକୁଣ୍ଡା ବିମାନ୍ ବନ୍ଦର୍ ନ ପୁହୁଁଚିବାର୍ ଉତ୍‌ରୁ ମୟୁର୍‌ଭଞ୍ଜ୍ ଜିଲ୍ଲାର୍ ବାଦାମ୍ ପାହାଡ୍ ଠାନେ ପୁହୁଁଚିକରି ନିଜର୍ ଗାଁ ଉପର୍‌ବେଡ଼ା ନ ପୁହୁଁଚିବେ । ସେନ ସେ ଶିକ୍ଷକ୍ ଶିକ୍ଷୟିତ୍ରୀ ଆର୍ ଛାତ୍ରଛାତ୍ରୀମାନ୍‌କର୍ ସାଙ୍ଗେ ଭାବ ବିନିମୟ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ସେଠାନେ ସେ ଗାଁର୍ ଲୁକ୍‌କର୍ ସାଙ୍ଗେ ଆଲୋଚନା କର୍‌ବାର୍ ଉତ୍‌ରୁ ଦୁଇପହରେ ରାଇରଙ୍ଗ୍‌ପୁର୍ ନ ଥିବାର୍ ନିଜର୍ ଘର୍‌କେ ଯିବେ । ଉପର୍‌ବେଲା ରାଇରଙ୍ଗପୁର୍ ମହିଳା କଲେଜ୍ ନ ଛାତ୍ରଛାତ୍ରୀ ଆର୍ ଅଧ୍ୟାପକ ଅଧ୍ୟାପିକା ମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଗଲାକାଏଲ୍ ଉପର୍‌ବେଲା ଭୁବ୍‌ନେଶ୍ୱର୍ ଠାନେ କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଳୟର୍ ୪୦ ନମ୍ବର୍ ସମାବର୍ତ୍ତନ୍ ଉତ୍ସବ୍‌ଥି ଯୋଗ୍ ଦେଇଥିଲେ ଆର୍ ନ୍ୟାୟିକ ଅଦାଲତ୍ କମ୍ପ୍ଲେକ୍ସକେ ଉଦ୍‌ଘାଟନ୍ କରିଥିଲେ ।

କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଆର୍‌ଏନ୍‌ୟୁ / ସମ୍ବଲପୁର

କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ଆର୍ ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଆଏଜ୍ କଟକ୍ ରେଲ୍‌ୱେ ଷ୍ଟେସନ୍‌ର ନୂଆଁ ଇଷ୍ଟ୍ ସାଇଡ୍ ଷ୍ଟେସନ୍ ଭବନ୍‌ର ଉଦ୍‌ଘାଟନ୍ କର୍‌ବେ । କଟକ୍ ରେଲ୍‌ଷ୍ଟେସନ୍‌ର ଇଷ୍ଟ ସାଇଡ୍ ଷ୍ଟେସନ୍ ଭବନ୍ ଜରିଏ ଜାତୀୟ ରାଜପଥ ଆଡୁ ଯାତ୍ରୀମାନ୍‌କୁ ସିଧାସଲଖ୍ ଯାତ୍ରାକେ ସହଜ୍ କର୍‌ବା । ଲୁକ୍‌କର୍ ସୁବିଧା ଆର୍ ଯାତ୍ରାକେ ସହଜ୍ କର୍‌ବାର୍ ଲାଗି ଇ ବିକାଶ୍ କରାଯାଇଛେ । ଓଡ଼ିଶା ନ ରେଲ୍ ଭିତିଭୂମି ବିକାଶ୍‌ଥି ଇ ପ୍ରକଳ୍ପ ଗୁଟେ ନୂଆଁ ଅଧ୍ୟାୟ ସୃଷ୍ଟି କର୍‌ବା । ଯେନ୍‌ଟାକି ରେଲ୍ ନେଟ୍‌ୱାର୍କ ନିର୍ମାଣ୍‌ର ଦୃଷ୍ଟିକୋଣ୍ ସହେତେ ସମାନ୍ ଆଏ ।

ଧର୍ମେନ୍ଦ୍ର ପ୍ରଧାନ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ବର୍କସ୍ ସାମାଜିକ ବିଜ୍ଞାନ୍ ଗବେଷଣା ଭାରତୀୟତାର୍ ସଭ୍ୟତାକେ ମଜ୍‌ବୁତ୍ କର୍‌ବାର୍ ସହେତେ ଭବିଷ୍ୟତ୍ ଲାଗି ରାସ୍ତା ଫର୍ଚ୍ଚା କରୁଛେ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଗଲାକାଏଲ୍ ନୂଆଦିଲ୍ଲୀ ଠାନେ ସାମାଜିକ୍ ଆଉ ମାନବ୍ ସମ୍ବଲ ବିଜ୍ଞାନ୍‌ଥି ଭାରତୀୟ ସାମାଜିକ ବିଜ୍ଞାନ୍ ଗବେଷଣା ପରିଷଦ୍‌ର ଗବେଷଣା କାର୍ଯ୍ୟକ୍ରମ୍ ମୁଲ୍ କର୍‌ବାର୍ ଅବ୍‌ସରେ ସେ ଇଟା କହିଛନ୍ । ସେ କହିଛନ୍ ଯେ, ଭାରତ୍ ହେଉଛେ ଗୁଟେ ଜୀବନ୍ତ ପ୍ରାଚୀନ୍ ସଭ୍ୟତା । ସଭ୍ୟତାର୍ ଅଭିବୃଦ୍ଧିକେ ସୁନିଶ୍ଚିତ୍ କର୍‌ବାର୍‌ଥି ମଜ୍‌ବୁତ୍ ସାମାଜିକ୍ ଗବେଷଣା ବଡ଼୍ ଭୂମିକା ଗ୍ରହଣ୍ କରୁଛେ । ଇ ପଦକ୍ଷେପ୍ ବ୍ୟକ୍ତିଗତ ଅଭିବୃଦ୍ଧିକେ ତହଁକାବାର୍ ସହେତେ ଦକ୍ଷ ଗବେଷକ ସୃଷ୍ଟି କର୍‌ବା ।

ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ଆର୍‌ଏନ୍‌ୟୁ /ସମ୍ବଲପୁର

ଭୁବ୍‌ନେଶ୍ୱର୍ ୟୁନିଟ୍- ୩ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ ନ ଆଏଜ୍‌ଠାନୁ ୬ ନମ୍ବର୍ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ୍ ହେବାର୍‌କେ ଯାଉଛେ । ଉଦ୍‌ଘାଟନୀ ଉତ୍ସବ୍‌ଥି ବାଚସ୍ପତି ସୁରମା ପାଢ଼ୀ ମୁଖିଆ କୁନୁଆଁ ଭାବେ ଯୋଗ୍ ଦେବେ । ଓଡ଼ିଆ ଭାଷା, ସାହିତ୍ୟ, ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ହେଉଥିବା ଇ ମହୋତ୍ସବ୍

ଆଏବା ୧୭ ତାରିଖ୍‌ତକ୍‌ ଚାଲ୍‌ବା । ମହୋତ୍ସବ୍‌ଥି ୪ ଶହ ଟା ଷ୍ଟଲ୍‌ ସହେତେ ୨ ଶହ ପ୍ରକାଶକ ଆଉ ବହି ବିକ୍ରେତା ଯୋଗ୍‌ ଦେବେ ।

ଆର୍ନ୍ତରାଷ୍ଟ୍ରୀୟ ଗୀତା ମହୋତ୍ସବ୍‌ ଆର୍‌ଏନ୍‌ୟୁ /ସମ୍ବଲପୁର

ହରିଆଣାର୍‌ କୁରୁକ୍ଷେତ୍ର ନ ମୁଲ୍‌ ହେଇଥିବା ଆର୍ନ୍ତରାଷ୍ଟ୍ରୀୟ ଗୀତା ମହୋତ୍ସବ୍‌ ନ ଓଡ଼ିଶା ଷ୍ଟେଟ୍‌ ପାର୍ଟନର୍‌ ଭାବେ ଯୋଗ୍‌ ଦେଇଛେ । ଇ ଗୀତା ମହୋତ୍ସବ୍‌ ନ ଭବ୍ୟ ଆକାରେ ତିଆର୍‌ କରାଯାଇଥିବା ଓଡ଼ିଶା ମଣ୍ଡପ୍‌କେ ଗଲାକାଏଲ୍‌ ଉଦ୍‌ଘାଟନ୍‌ କରାଯାଇଥିଲା । ଇଥି ହରିଆଣାର ରାଜସ୍ୱ ମନ୍ତ୍ରୀ ବିପୁଲ୍‌ ଗୋୟଲ୍‌ ଆର୍‌ ନୂଆଦିଲ୍ଲୀ ନ ଅବସ୍ଥାପିତ୍‌ ଓଡ଼ିଶାର୍‌ ପ୍ରମୁଖ ଆବାସିକ କମିଶନର୍‌ ବିଶାଲ୍‌ ଗଗନ୍‌ ଉପସ୍ଥିତ୍‌ ଥିଲେ । ଇ ଓଡ଼ିଶା ମଣ୍ଡପ୍‌ ନ ପୁରୀ ଶ୍ରୀଜଗନ୍ନାଥ୍‌ ମନ୍ଦିର୍‌, କୋଣାର୍କ ସୂର୍ଯ୍ୟମନ୍ଦିର, ଭୁବ୍‌ନେଶ୍ୱର୍‌ ଲିଙ୍ଗରାଜ୍‌ ମନ୍ଦିର୍‌ ବାବ୍‌ଦେ ବିସ୍ତୃତ୍‌ ବିବରଣୀ ଦିଆଯାଇଛେ ।

୫ ବିମାନ୍‌ ବନ୍ଦର୍‌ ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲ୍‌ପୁର୍‌ର ଜମାଦାର୍‌ପାଲି, ବଲାଙ୍ଗିର୍‌ର ତୁଷ୍‌ରା, ନୂଆପଡ଼ାର ଗୋତମା, ବର୍‌ଗଡ୍‌ର ସତୀଭଟା ସହେତେ ରାଜ୍ୟର୍ ୭ ଟା ବିମାନ୍ ଅବତରଣ୍ କେନ୍ଦ୍ରକେ 'ଟୁ-ବି କେଟାଗୋରୀ' ବିମାନ୍ ବନ୍ଦର୍ କର୍‌ବାର୍ ଲାଗି ସର୍‌କାର୍ ପଦକ୍ଷେପ୍ ନେଉଛନ୍ । ବିଧାନ୍‌ସଭା ନ ଗୁଟେ ପ୍ରଶ୍ନର୍ ଉତର୍‌ଥି ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା ଇ ସୂଚ୍‌ନା ଦେଇଛନ୍ । ସେ କହିଛନ୍ ଯେ, ଇହାଦେ ଭୁବ୍‌ନେଶ୍ୱର୍, ଝାର୍‌ସୁଗୁଡ଼ା, ରାଉର୍‌କେଲା, ଉକେଲା ଆର୍ ଜୟପୁର୍ ନ ୫ ଟା ବିମାନ୍ ବନ୍ଦର୍ କାର୍ଯ୍ୟକ୍ଷମ୍ ରହିଛେ ।

ଦେବ୍‌ଗଡ଼୍ ସୁନାଖଣି ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ଦେବ୍‌ଗଡ଼୍ ଜିଲ୍ଲାର୍ ଆଡ଼ାସ- ରାମପଲ୍ଲୀ ଆର୍ କେନ୍ଦୁଝର୍ ଜିଲ୍ଲାର୍ ଗୋପୁର୍-ଗଜିପୁର୍ ଇଲାକା ନ ସୁନାଖଣିର୍ ସନ୍ଧାନ୍ ମିଲିଛେ । ବିଧାନ୍‌ସଭା ନ ଇ ବାବଦ୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ଇସ୍ପାତ୍ ଆଉ ଖଣିମନ୍ତ୍ରୀ ବିଭୂତି ଭୂଷଣ୍ ଜେନା କହିଛନ୍ ଯେ, ଦେବ୍‌ଗଡ଼୍ ଜିଲ୍ଲାର୍ ଆଡ଼ାସ - ରାମପଲ୍ଲୀ ଇଲାକା ନ ଭାରତୀୟ ଭୂ-ବୈଜ୍ଞାନିକ ସଂସ୍ଥା ତର୍‌ଫୁ ଅନୁସନ୍ଧାନ୍ କାର୍ଯ୍ୟ କରାଯାଇଛେ । ଅନୁସନ୍ଧାନ୍‌କାରୀ ସଂସ୍ଥାମାନେ ଚୂଡ଼ାନ୍ତ ରିପୋର୍ଟ

ଦେଲା ଉତ୍ତରୁ ବୈଷୟିକ କମିଟିର୍ ସୁପାରିଶ୍‌ଥି ଆଗ୍‌କେ ପଦକ୍ଷେପ୍ ନିଆଯିବା ବଲି ସେ କହିଛନ୍ ।

ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍ ଉପସ୍ଥାପନ୍- ବିଧାନ୍‌ସଭା

ଆର୍‌ଏନ୍‌ୟୁ /ସମ୍ବଲପୁର

ବିଧାନ୍‌ସଭା ନ ୨୦୨୪ -୨୫ ବଛର୍ ଲାଗି ଗଲାକାଏଲ୍ ଉପସ୍ଥାପିତ୍ ହେଇଥିବାର୍ ୧୨ ହଜାର୍ ଶହେ ୫୫ କୋଟି ୭୩ ଲାଖ୍ ୫୧ ହଜାର୍ ଟଙ୍କାର୍ ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍‌କେ ମଞ୍ଜୁରୀ ମିଲିଛେ । ପୂର୍ତ୍ତ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ୍ ଇତାର୍ ଉପ୍‌ରେ  କହିଛନ୍ ଯେ, ଇ ବଛର୍ ରାଜ୍ୟ ସର୍‌କାର୍ ଧାରିଜ୍ କରିଥିବାର୍ ସମ୍ବଲ ଠୁଲାବାର୍ ଲକ୍ଷ୍ୟ ହାସଲ୍ କର୍‌ବେ । ନଭେମ୍ବର୍ ମାସ୍ ଶେଷ୍‌ତକ୍ ରାଜସ୍ୱ ସଂଗ୍ରହ କ୍ଷେତ୍ର ନ ୧୦ ପ୍ରତିଶତ୍ ବୃଦ୍ଧି ହେଇଛେ ଆଉ କେନ୍ଦ୍ରୀୟ ସହାୟତା ଭିଲ୍ ବଢ଼ିଛେ । ଗଲାବଛର୍ ତୁଲ୍‌ନାଥି ଋଣ ଭାର ୨ ହଜାର୍ ୫ ଶହ ୯୭ କୋଟି ଟଙ୍କା କମିଛେ ବଲି ଅର୍ଥମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ବିଧାନ୍‌ସଭା-୩ ଆର୍‌ଏନ୍‌ୟୁ/ କଟକ୍

ବିଧାନ୍‌ସଭା ନ ରାଜସ୍ୱ ବିପର୍ଯ୍ୟୟ ପରିଚାଲନା ଆର୍ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ ବା ସଂଖ୍ୟାଲଘୁ ସମ୍ପ୍ରଦାୟ ଆଉ ପଛୁଆବର୍ଗ କଲ୍ୟାଣ୍ ବାବ୍‌ଦେ ପହେଲା ଅତିରିକ୍ତ ଖର୍ଚ୍ଚ ଦାବି ଆଲୋଚନା ହେବାର୍ ଉତ୍‌ରୁ ସମ୍ପୃକ୍ତ ବିଭାଗୀୟ ମନ୍ତ୍ରୀଙ୍କର୍ ଉତର୍ ଦେବାର୍ ଉତ୍‌ରୁ ପାରିତ୍ ହେଇଛେ ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଆଏବା କାଏଲ୍‌ନୁ ଗୁରୁବାର୍‌ତକ୍ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ କମିପାରେ । ଯେନ୍‌ଥିର୍‌ଲାଗି ଅଏତ୍‌କା ଶୀତ୍ ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । କଲାହାଣ୍ଡି, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, କେନ୍ଦୁଝର୍ ଆର୍ କନ୍ଧମାଲ୍ ନ ଆଏବା ୨ ଦିନ୍‌ତକ୍ ହାଲ୍‌କାନୁ ମଧ୍ୟମ୍ ଧରଣ୍‌ର କୁହୁଡ଼ି ଦେଖାଯାଇପାରେ ବଲି ଜନାପଡ଼ିଛେ ।